ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/H&FW (OD)/1006/Dt.08.01.2021**

# ଅସ୍ଥାୟୀ ଏଏନ୍ଏମ୍ ଓ ସ୍ୱାସ୍ଥ୍ୟକର୍ମୀମାନେ ଧାରଣାରୁ କ୍ଷାନ୍ତ ରୁହନ୍ତୁ : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## ବେଆଇନ ଅର୍ଥ ଆଦାୟକାରୀଙ୍କ ପ୍ରତି ସଚେତନ ରହିବା ଉଚିତ୍ ।

ଭୁବନେଶ୍ୱର, ୦୮/୦୧/୨୦୨୧

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜଣାଇ ଦିଆଯାଉଅଛି ଯେ, କୋଭିଡ-୧୯ର ମୁକାବିଲା ନିମନ୍ତେ ଯେଉଁ ANM ଓ ସ୍ୱାସ୍ଥ୍ୟ କର୍ମୀମାନେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିଲେ ଏବଂ ପୁନଃ ନିଯୁକ୍ତି ଦାବିରେ ଧାରଣା ଦେଇଅଛନ୍ତି, ସେମାନେ ସମ୍ପୂର୍ଣ୍ଣ ରୂପେ ଅବଗତ ଥିଲେ ଯେ, ଏହି ନିଯୁକ୍ତି କେବଳ କୋଭିଡ-୧୯ ର ମୁକାବିଲା ନିମନ୍ତେ ଦିଆଯାଇଥିଲା ଏବଂ ତାହା ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଥିଲା । ଏହା ଜାଣି ସୁଦ୍ଧା ଅକାରଣରେ ସେମାନେ ବିଗତ କିଛି ଦିନ ଧରି ଧାରଣାରେ ବସିଛନ୍ତି । ଏହା ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନଜରକୁ ଆସିଛି ଯେ, କିଛି ଅସାଧୁ ବ୍ୟକ୍ତି ବିଶେଷ, ଏହି ଧାରଣାରତ ANM ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପୁନଃ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି । ଏହାମଧ୍ୟ ଜଣାଇ ଦିଆଯାଉଅଛି ଯେ, ଏହିପରି ଅର୍ଥ ଆଦାୟ କରୁଥିବା ତିନିଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛନ୍ତି । କୌଣସି ପରିସ୍ଥିତିରେ ଏଭଳି ପୂର୍ବରୁ କୋଭିଡ-୧୯ ର ମୁକାବିଲା ନିମନ୍ତେ ଅସ୍ଥାୟୀ ଭାବେ ନିଯୁକ୍ତି କରାଯାଇଥିବା ANM ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପୁନଃ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୋଜନା ନାହିଁ ।

ଏଣୁ ଧାରଣାରତ ସମସ୍ତ ANM ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିବେଦନ ଯେ, ସେମାନେ ଏଭଳି ଅର୍ଥ ଆଦାୟ କରୁଥିବା ବ୍ୟକ୍ତିମାନଙ୍କ ଚକ୍ରାନ୍ତର ଶିକାର ନହୋଇ ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ ଏବଂ ଧାରଣରୁ କ୍ଷାନ୍ତ ହୁଅନ୍ତୁ ।

ବିଭୂତି ନାୟକ
ସୂଚନା ଅଧିକାରୀ